# ଡାକ୍ତର ଇନ୍ଦ୍ରମଣି ଜେନା

ଜନ୍ମ: (୧୯୪୮-....) ମସିହା

ଡାକ୍ତର ଇନ୍ଦ୍ରମଣି ଜେନା ଏମ୍.ଡ଼ି. (ମେଡ଼ିସିନ୍) ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସେବାରେ ୨୨ କାର୍ଯ୍ୟକରି ରାଜ୍ୟର ରୋଗ, ରୋଗୀ ଓ ସ୍ୱାସ୍ଥ୍ୟସେବା ସହ ସୁପରିଚିତ । ମଧୁମେହ, ବାତଜ୍ୱର, ମେଲେରିଆ ଓ ଅନେକ ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ ତାଙ୍କର ଅନୁଧ୍ୟାନ ଚାଲିଛି । ତାଙ୍କର ପୁସ୍ତକ -

**ଓଡ଼ିଶାରେ ସ୍ୱାସ୍ଥ୍ୟ,** ପୃଷ୍ଠା:୧୮୧, ପ୍ରକାଶକାଳ-୨୦୦୮, ମୂଲ୍ୟ:୧୫୦/-,

ଓଡ଼ିଶାରେ ସ୍ୱାସ୍ଥ୍ୟ ସଚେତନତା ବିଭିନ୍ନ କାରଣରୁ ପ୍ରଭାବିତ ହୋଇ ଆସିଛି । ଏହାକୁ ପ୍ରଭାବିତ କରୁଥିବା ଭୌଗୋଳିକ, ଐତିହାସିକ, ଅର୍ଥନୈତିକ ଏବଂ ରାଜନୈତିକ କାରଣମାନ ରହିଛି । ସେ ସଂପର୍କରେ ସବିଶେଷ ଆଲୋଚନାମାନ ରହିଛି ଏହି ସ୍ୱାସ୍ଥ୍ୟଭିତ୍ତିକ ସଂକଳନଟିରେ । ଓଡ଼ିଶାରେ ଦେଖାଯାଉଥିବା ରୋଗ, ବିନା ଡାକ୍ତର ପରାମର୍ଶରେ ବ୍ୟବହୃତ ସାଧାରଣ ଔଷଧ, ଜରୁରୀ ପରିସ୍ଥିତିରେ ପ୍ରାଥମିକ ଚିକିତ୍ସା ଆଦି ସଂପର୍କରେ ସମସ୍ତେ ବୁଝି ପାରିବା ଭଳି ସରଳ ଭାବେ ବୁଝାଇ ଦିଆଯାଇଛି । ପୁରାତନ ସ୍ୱାସ୍ଥ୍ୟ ବ୍ୟବସ୍ଥାଠାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆସିଛି ତାହା ଉପରେ ମଧ୍ୟ ଲେଖକ ଆଲୋକପାତ କରିଛନ୍ତି । ମୋଟାମୋଟି ଏହି ପୁସ୍ତକଟି ସାଧାରଣ ପାଠକଙ୍କ ଠାରୁ ଚିକିତ୍ସା ଶାସ୍ତ୍ରରେ ରୁଚି ରଖିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଉପାଦେୟ ପୁସ୍ତକ । ତେଣୁ ସଂଗ୍ରହଣୀୟ ।